ନଂ ୧/୬୯/୨୦୦୭-ଆଇ.ଆର୍.
ଭାରତ ସରକାର
କର୍ମୀନିଯୁକ୍ତି, ଜନ ଅଭିଯୋଗ ଏବଂ ପେନ୍‌ସନ୍
କର୍ମୀନିଯୁକ୍ତି ଏବଂ ପ୍ରଶିକ୍ଷଣ ବିଭାଗ

*ନର୍ଥ ବ୍ଲକ୍, ନୂଆ ଦିଲ୍ଲୀ*
*ତା ୨୭ ଫେବୃଆରୀ ୨୦୦୮*

**କାର୍ଯ୍ୟାଳୟ ସ୍ମାରକପତ୍ର**

**ବିଷୟ: ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଭାବେ ପଦନାମିତ ହୋଇଥିବା ଅଧିକାରୀମାନଙ୍କ ପାଇଁ ମାର୍ଗଦର୍ଶୀକା**

ନିମ୍ନସ୍ୱାକ୍ଷରକାରୀ ନିର୍ଦ୍ଦେଶ ମତେ ଏକଥା ସୂଚାଉଛି ଯେ, ସୂଚନା ଅଧିକାର ଆଇନ୍ ୨୦୦୫ର ବ୍ୟବସ୍ଥାଗୁଡିକୁ ଫଳପ୍ରଦ ଭାବେ କାର୍ଯ୍ୟରୂପ ଦେବା କ୍ଷେତ୍ରରେ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ କେନ୍ଦ୍ରୀୟ ଜନସୂଚନା ଅଧିକାରୀ (ସି.ପି.ଆଇ,ଓ.) ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାନ୍ତି । ଏହା ସହିତ ଆଇନ୍ ଦ୍ୱାରା ନ୍ୟସ୍ତ ହୋଇଥିବା ଦାୟିତ୍ୱାବଳୀ ସମ୍ପାଦନ କ୍ଷେତ୍ରରେ ସେ ଯଦି ଅବହେଳା କରନ୍ତି ତେବେ ସେ ଦଣ୍ଡନିଧାନର ସମ୍ମୁଖୀନ ହେବେ । ସେଥିପାଇଁ ଜଣେ ସି.ପି.ଆଇ.ଓ. ଆଇନ୍‌କୁ ନିଷ୍ପାପର ଭାବେ ଅଧ୍ୟୟନ କରିବା ଏବଂ ଏହାର ବ୍ୟବସ୍ଥାଗୁଡିକ ସମ୍ବନ୍ଧରେ ଏକ ନିର୍ଭୁଲ୍ ଧାରଣା ଅର୍ଜନ କରିବା ଜରୁରୀ ଅଟେ । ସି.ପି.ଆଇ.ଓ. ମାନଙ୍କର କାର୍ଯ୍ୟାବଳୀର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବା ପାଇଁ ଏହି ବିଭାଗ ଏକ ମାର୍ଗଦର୍ଶୀକା ପ୍ରସ୍ତୁତ କରିଛି । ପ୍ରସ୍ତୁତ ହୋଇଥିବା ମାର୍ଗଦର୍ଶୀକା ଏକ ସଂଶ୍ଳିଷ୍ଟ ନଥି ରୂପେ ଏହି ପତ୍ର ସହିତ ସଂଯୁକ୍ତ କରାଯାଇଛି ।

୨. ଆଇନ୍ କହିଛି ଯେ, ଜଣେ ସି.ପି.ଆଇ.ଓ. ନିଜର ଦାୟିତ୍ୱାବଳୀର ଉପଯୁକ୍ତ ସଂପାଦନ ପାଇଁ ଅନ୍ୟ ଯେ କୌଣସି ଅଧିକାରୀଙ୍କର ସହାୟତା ଲୋଡିପାରନ୍ତି । ସଂପୃକ୍ତ ଅନ୍ୟ ଅଧିକାରୀ ଜଣଙ୍କୁ ସି.ପି.ଆଇ.ଓ. ଭାବେ ବିବେଚନା କରାଯିବ ଏବଂ ସି.ପି.ଆଇ.ଓ.ଙ୍କ ଭଳି ଆଇନ୍‌ର ବ୍ୟବସ୍ଥାଗୁଡିକର ଉଲ୍ଲଂଘନ ଘଟାଇଥିବା କାରଣରୁ ସେ ମଧ୍ୟ ଦାୟୀ ରହିବେ । ଯେହେତୁ ସି.ପି.ଆଇ.ଓ. ଯେ କୌଣସି ଅଧିକାରୀଙ୍କର ସହାୟତା ଲୋଡି ପାରନ୍ତି, ତେଣୁ ଏହା ସମସ୍ତ ଅଧିକାରୀଙ୍କ ପକ୍ଷେ ବାଂଛନୀୟ ଯେ, ସେମାନେ ମଧ୍ୟ ଆଇନ୍‌ର ବିଭିନ୍ନ ବ୍ୟବସ୍ଥାଗୁଡିକ ସମ୍ବନ୍ଧରେ ସେହିସବୁ ଆବଶ୍ୟକୀୟ ଜ୍ଞାନ ଆହରଣ କରିବା ଉଚିତ୍ , ଯାହାକି ଜଣେ ସି.ପି.ଆଇ.ଓ.ଙ୍କର ରହିବା କଥା । ଏହି ମାର୍ଗଦର୍ଶୀକା ସେମାନଙ୍କୁ ଏହି କ୍ଷେତ୍ରରେ ସହାୟକ ହେବ ।

୩. ସମସ୍ତ ମନ୍ତ୍ରଣାଳୟ/ବିଭାଗଙ୍କୁ ଅନୁରୋଧ କରାଯାଉଛି, ଏହି ମାର୍ଗଦର୍ଶୀକାର ବିଷୟବସ୍ତୁକୁ ସେମାନେ ସମସ୍ତ ସଂପୃକ୍ତ ବ୍ୟକ୍ତିଙ୍କ ଦୃଷ୍ଟିକୁ ଆଣିବେ ।

କେ.ଜି.ବର୍ମା
ନିର୍ଦ୍ଦେଶକ, ଟେଲିଫୋନ୍-୨୩୦୯୨୧୫୮

*ପ୍ରାପ୍ତେଷୁ,*

୧. ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ/ବିଭାଗ
୨. ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ୍/ଲୋକସଭା ସଚିବାଳୟ/ ରାଜ୍ୟସଭା ସଚିବାଳୟ/କ୍ୟାବିନେଟ୍ ସଚିବାଳୟ/ କେନ୍ଦ୍ରୀୟ ଭିଜିଲାନ୍‌ସ କମିଶନ୍/ରାଷ୍ଟ୍ରପତି ସଚିବାଳୟ/ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ/ ଯୋଜନା କମିଶନ
୩. ଷ୍ଟାଫ୍ ସିଲେକ୍‌ସନ କମିଶନ୍, ସି.ଜି.ଓ. କମ୍ପ୍ଲେକ୍‌ସ, ଲୋଦି ରୋଡ୍, ନୂଆ ଦିଲ୍ଲୀ
୪. ଭାରତର କମ୍ପ୍‌ଟ୍ରୋଲର୍ ଅଡିଟର୍ ଜେନେରାଲ୍, ୧୦, ବାହାଦୁର୍ ଶାହା ଜାଫର୍ ମାର୍ଗ, ନୂଆ ଦିଲ୍ଲୀ
୫. କେନ୍ଦ୍ରୀୟ ସୂଚନା କମିଶନ୍/ରାଜ୍ୟ ସୂଚନା କମିଶନ୍‌ସମୂହ

*ଏହା ଛଡା ଏହାର ନକଲ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।*
*ଏହା ଛଡା ସଂଲଗ୍ନ ନଥିରେ ସ୍ଥାନିତ ହୋଇଥିବା ମାର୍ଗଦର୍ଶୀକା ଆବଶ୍ୟକ ପରିବର୍ତ୍ତନ ସହିତ ରାଜ୍ୟ ଜନସୂଚନା ଅଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ରାଜ୍ୟ ସରକାରମାନେ ରାଜ୍ୟ ଜନସୂଚନା ଅଧିକାରୀମାନଙ୍କ ପାଇଁ ଏତାଦୃଶ ମାର୍ଗଦର୍ଶୀକା ଜାରି ପାଇଁ ପ୍ରୟାସ କରିପାରନ୍ତି ।*

(OM No.1/69/2007-IR dated the 27th February, 2008)

# କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ପାଇଁ ଏକ ମାର୍ଗଦର୍ଶୀକା

ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ହାସଲ କରିବା ପାଇଁ ସୂଚନା ଅଧିକାର ଆଇନ୍ ୨୦୦୫ ନାଗରିକମାନଙ୍କୁ କ୍ଷମତା ପ୍ରଦାନ କରିଥାଏ । ସୂଚନା ପାଇବା ପାଇଁ ଜଣେ ନାଗରିକର ଅଧିକାରକୁ ବାସ୍ତବ ରୂପ ଦେବା କ୍ଷେତ୍ରରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ (ସି.ପି.ଆଇ,ଓ.) ଏକ ମୌଳିକ ଭୂମିକା ପାଳନ କରିଥାନ୍ତି । ଏହି ଆଇନ୍ ତାଙ୍କ ଉପରେ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱ ନ୍ୟସ୍ତ କରିଛି ଏବଂ ସେଥି ପ୍ରତି ଅବହେଳା କଲେ ସେ ଦଣ୍ଡବିଧାନର ସମ୍ମୁଖୀନ ହେବେ । ତେଣୁ ଏହି ଆଇନ୍‌କୁ ନିଷ୍ଠାର ସହ ଅଧ୍ୟୟନ କରିବା ତଥା ଏହାର ବ୍ୟବସ୍ଥାଗୁଡିକୁ ଠିକ୍ ଭାବେ ବୁଝିବା ଜଣେ ସି.ପି.ଆଇ,ଓ. ପକ୍ଷେ ଜରୁରୀ । ଆଇନ୍ ଅଧୀନରେ ଆଗତ ହେଉଥିବା ଦରଖାସ୍ତଗୁଡିକ ଉପରେ ନିଜେ ପଦକ୍ଷେପ ନେଉଥିବା ବେଳେ ସେ ବିଶେଷ କରି ନିମ୍ନୋକ୍ତ ଦିଗଗୁଡିକୁ ଦୃଷ୍ଟିରେ ରଖିବା ଉଚିତ୍ ।

**ସୂଚନା କ'ଣ**

୨. ସୂଚନା ଯେ କୌଣସି ବସ୍ତୁଗତ ରୂପରେ ଥାଇପାରେ । ଏହା ଭିତରେ ଅନ୍ତର୍ଗତ ହେବ, ରେକର୍ଡ, ଦଲିଲ୍, ସ୍ମାରକ, ଇ-ମେଲ୍, ମତାମତ, ପରାମର୍ଶ, ପ୍ରେସ୍ ବିବୃତ୍ତି, ପରିପତ୍ର (ସର୍କୁଲାର୍), ଆଦେଶ, ଲଗ୍‌ବୁକ୍, ଚୁକ୍ତିନାମା, ରିପୋର୍ଟ, କାଗଜପତ୍ର, ନମୂନା, ମଡେଲ୍, ଇଲେକ୍ଟ୍ରନିକ୍ ମାଧ୍ୟମରେ ଥିବା କୌଣସି ତଥ୍ୟ । ଏହା ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ରହିବ ଯେ କୌଣସି ଘରୋଇ ସଂସ୍ଥା ସମ୍ବନ୍ଧରେ ସୂଚନା ଯାହାକି ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍ ଅଧୀନରେ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହାସଲ ଯୋଗ୍ୟ ।

ଆଇନ୍ ଅଧୀନରେ ସୂଚନା ଅଧିକାର

୩. ଜଣେ ନାଗରିକ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଠାରୁ ସେହିସବୁ ସୂଚନା ଚାହିଁପାରିବେ ଯାହାକି ସେହି ଜନ କର୍ତ୍ତୃପକ୍ଷଙ୍କ ନିକଟରେ ବା ତାଙ୍କ ନିୟନ୍ତ୍ରଣ ଅଧୀନରେ ଉପଲବ୍ଧ । ଏହି ଅଧିକାର ଭିତରେ ଅନ୍ତର୍ଭୁକ୍ତ ହେବ କୌଣସି କାର୍ଯ୍ୟ, ଦଲିଲ୍ ବା ରେକର୍ଡର ନିରୀକ୍ଷଣ, ଦଲିଲ୍ ବା ରେକର୍ଡରୁ ନୋଟ୍ ବା ଉଦ୍ଧୃତାଂଶ ବା ସେହି ଦଲିଲ୍ ବା ରେକର୍ଡର ପ୍ରମାଣୀକୃତ ନକଲ ହାସଲ କରିବା, ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ବା ତାଙ୍କ ନିୟନ୍ତ୍ରଣ ଅଧୀନରେ ଉପଲବ୍ଧ ଥିବା କୌଣସି ସାମଗ୍ରୀର ପ୍ରମାଣୀକୃତ ନମୂନା ସଂଗ୍ରହ କରିବା ।

୪. ଏହି ଆଇନ୍ ନାଗରିକମାନଙ୍କୁ ଯେଉଁ ସୂଚନା ଅଧିକାର ଦେଇଛି, ତାହା ସାଂସଦ ଓ ରାଜ୍ୟ ଆଇନ୍‌ସଭାର ସଦସ୍ୟଙ୍କ ଅଧିକାର ସହ ସମାନ । ଏହି ଆଇନ୍ ଅନୁଯାୟୀ ଯେଉଁ ସୂଚନାରୁ ସଂସଦ ବା ରାଜ୍ୟ ଆଇନ୍‌ସଭାକୁ ବଞ୍ଚିତ କରାଯିବନାହିଁ, ସେଥିରୁ କୌଣସି ନାଗରିକଙ୍କୁ ବଞ୍ଚିତ କରାଯାଇ ପାରିବନି ।

୫. ଡିସ୍କ, ଫ୍ଲପି, ଟେପ୍, ଭିଡିଓ କ୍ୟାସେଟ୍ ବା ଅନ୍ୟ କୌଣସି ଇଲେକ୍ଟ୍ରନିକ ମାଧ୍ୟମରେ ବା ମୁଦ୍ରିତ ରୂପରେ ଜଣେ ନାଗରିକଙ୍କର ସୂଚନା ପାଇବାର ଅଧିକାର ଅଛି; ପରନ୍ତୁ ସଂପୃକ୍ତ ସୂଚନା ଗୋଟିଏ କମ୍ପ୍ୟୁଟର୍ ବା ତାଦୃଶ କୌଣସି ଉପକରଣରେ ସଂଚିତ ହୋଇରହିଥିବ ଏବଂ ସେହି ଉପକରଣରୁ ଡିସ୍କକୁ ସୂଚନାକୁ ସ୍ଥାନାନ୍ତର କରିହେଉଥିବ ।

୬. ଜଣେ ଦରଖାସ୍ତକାରୀଙ୍କୁ ସାଧାରଣତଃ ସେହି ରୀତିରେ ସୂଚନା ଯୋଗାଇ ଦିଆଯିବ, ଯେଉଁ ରୀତିରେ ସୂଚନା ପାଇବାକୁ ସେ ଚାହିଁଛନ୍ତି । କିନ୍ତୁ ସେ ଚାହୁଁଥିବା ରୀତିରେ ସୂଚନା ଯୋଗାଇ ଦିଆଯିବା ଦ୍ୱାରା ଯଦି ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କର ସମ୍ବଳର ଅତିରିକ୍ତ ଦୁରୁପଯୋଗ ଘଟିପାରେ, ଅଥବା ସଂପୃକ୍ତ ରେକର୍ଡଗୁଡିକର ନିରାପତ୍ତା ବା ସରକ୍ଷଣ କ୍ଷତିଗ୍ରସ୍ତ ହୋଇପାରେ ତେବେ ସେହି ରୀତିରେ ସୂଚନା ଯୋଗାଇ ଦେବାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇ ପାରେ ।

୭. ଏହି ଆଇନ୍ କେବଳ ଭାରତର ନାଗରିକମାନଙ୍କୁ ସୂଚନାର ଅଧିକାର ଦେଇଛି । କର୍ପୋରେସନ୍, ସଂସ୍ଥା ବା କମ୍ପାନୀ ମାନଙ୍କୁ ସୂଚନା ଦେବାର ବ୍ୟବସ୍ଥା ଏଥିରେ ନାହିଁ, କାରଣ ଏମାନେ ହେଉଛନ୍ତି ଆଇନ୍ ଦୃଷ୍ଟିରେ ସତ୍ତା ବା ବ୍ୟକ୍ତି, କିନ୍ତୁ ନାଗରିକ ନୁହଁନ୍ତି । କିନ୍ତୁ ଯଦି ଗୋଟିଏ କର୍ପୋରେସନ୍, ସଂସ୍ଥା, କମ୍ପାନୀ ବା ଏନ୍.ଜି.ଓ.ର ଜଣେ କର୍ମଚାରୀ ବା କାର୍ଯ୍ୟକର୍ତ୍ତା ନିଜର ନାମ ପ୍ରକାଶ କରି ଦରଖାସ୍ତ କରିଥାନ୍ତି ଏବଂ ଉକ୍ତ କର୍ମଚାରୀ ବା କାର୍ଯ୍ୟକର୍ତ୍ତା ଭାରତର ଜଣେ ନାଗରିକ ହୋଇଥାନ୍ତି, ତେବେ ତାଙ୍କୁ ସୂଚନା ଯୋଗାଇ ଦିଆଯାଇପାରେ । ଏଭଳି କ୍ଷେତ୍ରରେ ଏହା ଧରିନିଆଯିବ ଯେ, ଦରଖାସ୍ତକାରୀ ଜଣେ ନାଗରିକ, ଓ ସେ କର୍ପୋରେସନ୍ ଇତ୍ୟାଦି ଠିକଣାରେ ସୂଚନା ମାଗିଛନ୍ତି ।

୮. ଏହି ଆଇନ୍ ଅଧୀନରେ କେବଳ ସେହି ସୂଚନା ଯୋଗାଇ ଦିଆଯିବା ଆବଶ୍ୟକ, ଯାହାକି ଉପଲବ୍ଧ ଅଟେ ଏବଂ ଯାହାକି ଜନ କର୍ତ୍ତୃପକ୍ଷଙ୍କ ନିକଟରେ ବା ନିୟନ୍ତ୍ରଣରେ ରହିଛି । ଏହା ଆଶା କରାଯାଉନାହିଁ ଯେ, ସି.ପି.ଆଇ,ଓ. ନିଜେ କୌଣସି ସୂଚନା ସୃଷ୍ଟି କରିବେ ବା ସୂଚନାର ବ୍ୟାଖ୍ୟା କରିବେ ବା ଦରଖାସ୍ତକାରୀଙ୍କ ଦ୍ୱାରା ଉତ୍‌ଥାପିତ କୌଣସି ସମସ୍ୟାର ସମାଧାନ କରିବେ ବା କାଳ୍ପନିକ ପ୍ରଶ୍ନାବଳୀର ଉତ୍ତର ଯୋଗାଇବେ ।

## ସୂଚନା ପ୍ରକଟନରୁ ଅବ୍ୟାହତି

୯. ଯେଉଁ ଧରଣର ସୂଚନାଗୁଡିକୁ ପ୍ରକଟନରୁ ବାଦ୍ ଦିଆଯିବ, ସେଗୁଡିକ ଆଇନ୍‌ର ଧାରା ୮ର ଉପଧାରା (୧) ଏବଂ ଧାରା ୯ ଅଧୀନରେ ବର୍ଣ୍ଣୀତ ହୋଇଛି । କିନ୍ତୁ ଧାରା ୮ର ଉପଧାରା (୨)ରେ କୁହାଯାଇଛି ଯେ, ଉପଧାରା (୧) ବା ସରକାରୀ ଗୋପନୀୟତା ଆଇନ୍ ୧୯୨୩ ଅନୁଯାୟୀ ପ୍ରକଟନରୁ ଅବ୍ୟାହତି ପାଇଥିବା ଏକ ସୂଚନାକୁ ପ୍ରକଟନ କରାଯାଇ ପାରେ ଯଦି ପ୍ରକଟନ ଦ୍ୱାରା ଯେଉଁ ଜନସ୍ୱାର୍ଥ ସାଧିତ ହେବ ତାହା ସୂଚନାକୁ ଅପ୍ରକଟିତ ରଖିବା ପଛରେ ଥିବା ଜନସ୍ୱାର୍ଥ ଠାରୁ ଅଧିକ ହୋଇଥାଏ । ପୁଣି, ଧାରା ୮ର ଉପଧାରା (୩) କହୁଛି ଯେ, ଉପଧାରା (୧) ଅନୁଯାୟୀ ପ୍ରକଟନରୁ ଅବ୍ୟାହତି ପାଇଥିବା ଗୋଟିଏ ସୂଚନାକୁ କେବଳ ଅଣ-ଉପଧାରା (ଏ), (ସି) ଏବଂ (ଆଇ)ରେ ସୂଚୀତ ସ୍ଥିତିକୁ ବାଦ୍ ଦେଲେ, ଅନ୍ୟଥା ଏହା ଏତାଦୃଶ ଅବ୍ୟାହତି ହରାଇ ବସିବ ଯଦି ସଂପୃକ୍ତ ଘଟଣାର ତାରିଖ ଠାରୁ ୨୦ବର୍ଷ ଅତିବାହିତ ହୋଇସାରିଥାଏ ।

୧୦. ଏହା ଉଲ୍ଲେଖନୀୟ ଯେ, ଆଇନ୍‌ର ଧାରା ୮(୩) ଏହା କହୁନାହିଁ ଯେ, ଏକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜନ କର୍ତ୍ତୃପକ୍ଷମାନେ ରେକର୍ଡଗୁଡିକୁ ସାଇତି ରଖିବେ । ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ପାଇଁ ପ୍ରଯୁଜ୍ୟ ରେକର୍ଡ ରକ୍ଷଣାବେକ୍ଷଣ ଅନୁସୂଚୀ ଅନୁଯାୟୀ ରେକର୍ଡସମୂହ ସାଇତା ରଖାଯିବ । ଗୋଟିଏ ଫାଇଲ୍ ମଧ୍ୟରେ ସ୍ଥାନ ପାଇଥିବା ସୂଚନାସମୂହକୁ ଉକ୍ତ ଫାଇଲ୍ ବା ରେକର୍ଡର ବିନଷ୍ଟ କରାଗଲା ପରେ ବି ଏକ ଅଫିସ୍ ସ୍ମାରକ (ଓ.ଏମ୍.) ବା ଏକ ଚିଠି ବା ଅନ୍ୟ କୌଣସି ରୀତିରେ ସୂଚୀତ କରି ରଖିବା ଉଚିତ୍ । ଆଇନ୍ କହୁଛି ଯେ, ଏତାଦୃଶ ରୀତିରେ ଉପଲବ୍ଧ ହେଉଥିବା ସୂଚନାକୁ ୨୦ବର୍ଷ ବିତିଗଲା ପରେ ବି ଯୋଗାଇ ଦେବାକୁ ପଡିବ ଯଦିଓ ସଂପୃକ୍ତ ସୂଚନାଟି ଧାରା ୮ର ଉପଧାରା (୧) ଅନୁଯାୟୀ ପ୍ରକଟନରୁ ଅବ୍ୟାହତି ପାଇପାରିଥାଏ । ଅର୍ଥାତ୍, ଆଇନ୍‌ର ଧାରା ୮ର ଉପଧାରା (୧) ଅନୁଯାୟୀ ଯେଉଁ ସୂଚନା ସାଧାରଣତଃ ପ୍ରକଟନରୁ ଅବ୍ୟାହତି ପାଇବା କଥା, ଯଦି ସେହି ସୂଚନା ସହିତ ସଂପର୍କୀତ ଘଟଣା ଘଟିସାରିବା ପରେ ୨୦ବର୍ଷ ଅତିବାହିତ ହୋଇଥାଏ ତେବେ ସେହି ସୂଚନାକୁ ପ୍ରକଟନ କରିବାରୁ ଆଉ ଅବ୍ୟାହତି ଦିଆଯିବ ନାହିଁ । କିନ୍ତୁ ଯାହା ହେଲେ ବି, ନିମ୍ନୋକ୍ତ ଧରଣର ସୂଚନାକୁ ପ୍ରକଟନ କରାଯିବ ନାହିଁ ଏବଂ ୨୦ବର୍ଷ ବିତିଲା ପରେ ବି କୌଣସି ନାଗରିକଙ୍କୁ ଏହା ଦେବା ସକାଶେ କୌଣସି ବାଧ୍ୟକତା ରହିବ ନାହିଁ । କିନ୍ତୁ ନିମ୍ନୋକ୍ତ ଶ୍ରେଣୀର ସୂଚନାବଳୀ ଅବ୍ୟାହତି ଲାଭ କରିଚାଲିବ, ଏବଂ ୨୦ବର୍ଷ ସମୟସୀମା ବିତିଲା ପରେ ବି ଜଣେ ନାଗରିକଙ୍କୁ ସେହିସବୁ ସୂଚନା ପ୍ରଦାନ କରିବା ପାଇଁ କୌଣସି ପ୍ରକାର ବାଧ୍ୟତା ରହିବ ନାହିଁ -

(୧) ଯେଉଁ ସୂଚନାକୁ ପ୍ରକଟନ କଲେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା, ରାଷ୍ଟ୍ରର ନିରାପତ୍ତା, ରଣନୀତିଗତ, ବୈଜ୍ଞାନିକ ବା ଆର୍ଥିକ ସ୍ୱାର୍ଥ ବା ପରରାଷ୍ଟ୍ରସହ ସଂପର୍କ ଉପରେ ପ୍ରତିକୂଳ ପ୍ରଭାବ ପଡିବ, ଅଥବା ଅପରାଧ ଘଟାଇବା ଦିଗରେ ଉସ୍‌କାନି ଦେବ ;

(୨) ଯେଉଁ ସୂଚନାକୁ ପ୍ରକଟନ କଲେ ସଂସଦ ବା ରାଜ୍ୟ ଆଇନ୍‌ସଭାର ସାଧିକାର ଭଙ୍ଗ ଘଟିବ; ବା

(୩) ଆଇନ୍‌ର ଧାରା ୮ ଅଧୀନରେ ଉପଧାରା (୧)ର ଅନୁଚ୍ଛେଦ (ଆଇ)ରେ ସ୍ଥାନିତ ହୋଇଥିବା ସର୍ତ୍ତାବଳୀର ସାପେକ୍ଷତା ଅଧୀନରେ ରହି ମନ୍ତ୍ରୀମଣ୍ଡଳ, ସଚିବମଣ୍ଡଳୀ ବା ଅନ୍ୟ ଅଧିକାରୀମାନଙ୍କର ମତାମତ ସମେତ କ୍ୟାବିନେଟ୍ କାଗଜପତ୍ର ।

## ଅନ୍ୟାନ୍ୟ ଆଇନ୍ ସହିତ ସୂଚନା ଅଧିକାର ଆଇନ୍‌ର ସଂପର୍କ

୧୧. ଅନ୍ୟାନ୍ୟ ବିଧିବିଧାନ ଉପରେ ସୂଚନା ଅଧିକାର ଆଇନ୍‌ର ଅତିକ୍ରମଣାତ୍ମକ ପ୍ରଭାବ ରହିଛି,
କାରଣ, ସରକାରୀ ଗୋପନୀୟତା ଆଇନ୍ ୧୯୨୩, ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଥବା ସୂଚନା ଅଧିକାର ଆଇନ୍‌କୁ ଛାଡି ଅନ୍ୟ କୌଣସି ଆଇନ୍ ବଳରେ ପ୍ରଭାବ ବହନ କରିଥିବା କୌଣସି ବିଧିବିଧାନରେ ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକ ସହିତ ଅସଂଗତ ହେଲାଭଳି ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକ ହିଁ ପଭାବଶାଳୀ ରହିବ ।

## ଦରଖାସ୍ତକାରୀଙ୍କୁ ସହାୟତା ପ୍ରଦାନ

୧୨. ସୂଚନା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଯଥୋଚିତ ସହାୟତା ପ୍ରଦାନ କରିବା ହେଉଛି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କର ଏକ କର୍ତ୍ତବ୍ୟ । ଏହି ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ, ସୂଚନା ଚାହୁଁଥିବା ଜଣେ ବ୍ୟକ୍ତି ଇଂରାଜୀ, ହିନ୍ଦୀ ବା ସଂପୃକ୍ତ ଅଞ୍ଚଳର ସ୍ଥାନୀୟ ସରକାରୀ ଭାଷାରେ ଲିଖିତ ଭାବେ ବା ଇଲେକ୍ଟ୍ରନିକ୍ ମାଧ୍ୟମରେ ସେ ଚାହୁଁଥିବା ସୂଚନା ସମ୍ବନ୍ଧରେ ଏକ ଲିଖିତ ଦରଖାସ୍ତ ଦାଖଲ କରିବେ । ଯେଉଁ ସ୍ଥଳେ ଜଣେ ବ୍ୟକ୍ତି ନିଜର ଦରଖାସ୍ତ ଲେଖିବାକୁ ଅକ୍ଷମ, ସେପରି ସ୍ଥଳେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ସଂପୃକ୍ତ ବ୍ୟକ୍ତିଙ୍କର ମୌଖିକ ଆବେଦନକୁ ଲିଖିତ ରୂପ ଦେବାକୁ ସମସ୍ତ ପ୍ରକାର ଯଥୋଚିତ ସହାୟତା ପ୍ରଦାନ କରିବେ ।

୧୩. ଯେଉଁସ୍ଥଳେ ଜଣେ ବୋଧେନ୍ଦ୍ରିୟ-ଅକ୍ଷମ ବ୍ୟକ୍ତିଙ୍କୁ କୌଣସି ରେକର୍ଡ ସମ୍ବନ୍ଧରେ ଅବଗତ କରାଇବା ଦରକାର ପଡିବ, ସେପରି ସ୍ଥଳେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ସେହି ବ୍ୟକ୍ତିଙ୍କୁ ସୂଚନା ଉପଲବ୍‌ଧ କରାଇବାରେ ସହାୟତା ପ୍ରଦାନ କରିବେ । ଯେଉଁସ୍ଥଳେ

ଉକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ (ଇନସ୍ପେକସନ୍) କରିବାର ଆବଶ୍ୟକ ଥିବ, ସେପରି ସ୍ଥଳେ ସେ ଯେପରି ରେକର୍ଡ ଗୁଡିକର ନିରୀକ୍ଷଣ କରିପାରିବେ, ସେଥିପାଇଁ ତାଙ୍କୁ ଯଥୋଚିତ ସହାୟତା ପ୍ରଦାନ କରାଯିବ ।

**କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କୁ ସହାୟତା**

୧୪. କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ନିଜ କର୍ତ୍ତବ୍ୟର ଯଥୋଚିତ ସମ୍ପାଦନ ପାଇଁ ଯଦି ଆବଶ୍ୟକ ମଣନ୍ତି, ତେବେ ସେ ଅନ୍ୟ ଯେ କୌଣସି ଅଧିକାରୀଙ୍କ ସହାୟତା ଲୋଡିପାରିବେ । ଯେଉଁ ଅଧିକାରୀଙ୍କର ସହାୟତା ଲୋଡା ଯାଇଛି, ସେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦେବେ, ଏବଂ ଏହି ଆଇନ୍‌ରେ ଥିବା ପ୍ରାବ୍ଧାନଗୁଡିକର ଉଲ୍ଲଂଘନ ପାଇଁ ସେ ମଧ୍ୟ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କ ଭଳି ଉତ୍ତରଦାୟୀ ରହିବେ । କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କୁ ଏହା ପରାମର୍ଶ ଦିଆଯାଉଛି ଯେ, ସେ ଯେଉଁ ଅଧିକାରୀଙ୍କର ସହାୟତା ଲୋଡିବେ, ତାଙ୍କୁ ମୂଳରୁ ଉକ୍ତ ପ୍ରାବ୍ଧାନ ସମ୍ବନ୍ଧରେ ଅବଗତ କରାଇ ରଖିବେ ।

**ସ୍ୱୟଂଚାଳିତ ସୂଚନା ପ୍ରକଟନ**

୧୫. ଆଇନ୍‌ର ଧାରା ୪ ଅନୁଯାୟୀ ଏହା ବାଧ୍ୟତାମୂଳକ ଯେ, ପ୍ରତ୍ୟେକ ଜନ କର୍ତ୍ତୃପକ୍ଷ ନିଜର ସଂଗଠନ, କାର୍ଯ୍ୟାବଳୀ, ଦାୟିତ୍ୱାବଳୀ ଏବଂ ଅନ୍ୟାନ୍ୟ ବିଷୟଗୁଡିକ ସମ୍ବନ୍ଧରେ ସବିଶେଷ ସୂଚନାବଳୀକୁ ସ୍ୱୟଂଚାଳିତ ହୋଇ ପ୍ରକାଶ କରିବେ । ଧାରା ୪ର ଉପଧାରା (୪) ଅନୁଯାୟୀ ଉକ୍ତ ରୀତିରେ ପ୍ରକାଶିତ ହୋଇଥିବା ସୂଚନାବଳୀର ଏକ ଇଲେକ୍ଟ୍ରନିକ ସଂସ୍କରଣ କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନିକଟରେ ସହଜରେ ମିଳିପାରୁଥିବା ଉଚିତ୍ । ସୁତରାଂ ଧାରା ୪ର ଆବଶ୍ୟକତା ଗୁଡିକ ଯେପରି ପୂରଣ ହେବ ତଥା ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ସମ୍ବନ୍ଧରେ ସର୍ବାଧିକ ସୂଚନା ଯେପରି ଇଣ୍ଟରନେଟ୍‌ରେ ମିଳିପାରୁଥିବ, ସେଦିଗରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ସଯତ୍ନ ଉଦ୍ୟମ କରିବା ଉଚିତ୍ । ଏହା ଫଳରେ ତାଙ୍କର ଦୁଇଟି ସୁବିଧା ହେବ । ପଥମତଃ ଆଇନ୍ ଅଧୀନରେ କରାଯିବାକୁ ଥିବା ଦରଖାସ୍ତର ସଂଖ୍ୟା କମିଯିବ, ଏବଂ ଦ୍ୱିତୀୟତଃ, ଯେହେତୁ ଗୋଟିଏ ସ୍ଥାନରେ ପ୍ରାୟ ସବୁତକ ସୂଚନା ସଞ୍ଚିତ ଥିବ, ତାଙ୍କ ପକ୍ଷେ ଯେ କୌଣସି ସୂଚନା ପ୍ରଦାନ କରିବା ସହଜସାଧ୍ୟ ହୋଇପଡିବ ।

**ସୂଚନା ହାସଲ ପାଇଁ ଫିସ୍**

୧୬. ଜଣେ ଦରଖାସ୍ତକାରୀ ନିଜର ଦରଖାସ୍ତ ସହିତ ଦରଖାସ୍ତ ଫିସ୍ ବାବଦକୁ ୧୦ଟଙ୍କା ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଆକାଉଣ୍ଟ୍ ଅଫିସରଙ୍କ ପ୍ରାପ୍ୟ ରୂପେ ଡିମାଣ୍ଡ ଡ୍ରାଫ୍ଟ, ବ୍ୟାଙ୍କରସ୍ ଚେକ୍ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଆକାରରେ ପଠାଇବେ । ସେ ମଧ୍ୟ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଆକାଉଣ୍ଟ୍ ଅଫିସରଙ୍କୁ ବା କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କୁ ନଗଦ ଅର୍ଥ ଆକାରରେ ଏହି ଫିସ୍ ଦାଖଲ କରିପାରିବେ ଏବଂ ତାଙ୍କଠାରୁ ଉପଯୁକ୍ତ ରସିଦ୍ ଆଣିବେ ।

୧୭. ସୂଚନା ଯୋଗଣା ବାବଦକୁ ସୂଚନା ଅଧିକାର (ଫିସ୍ ଏବଂ ମୂଲ୍ୟ) ନିୟମାବଳୀ, ୨୦୦୫ ବଳରେ ଅତିରିକ୍ତ ଫିସ୍ ନିମ୍ନମତେ ବିହିତ କରାଯାଇଛି-

(ଏ) ପ୍ରସ୍ତୁତ କିମ୍ବା ନକଲ କରାଯାଇଥିବା ପ୍ରତି ପୃଷ୍ଠା (ଏ-୪ ବା ଏ-୩ ଆକାରର କାଗଜ) ପିଛା ୨ଟଙ୍କା;

(ବି) ତାହାଠାରୁ ବଡ ଆକାରର କାଗଜ କ୍ଷେତ୍ରରେ ତହିଁର ପ୍ରକୃତ ମୂଲ୍ୟ ବା ଦାମ୍ ;

(ସି) ନମୁନା ବା ପ୍ରତିକୃତି କ୍ଷେତ୍ରରେ ତହିଁର ପ୍ରକୃତ ମୁଲ୍ୟ ବା ଦାମ୍ ;

(ଡି) ଦଲିଲଗୁଡିକର ନିରୀକ୍ଷଣ ପାଇଁ ପ୍ରଥମ ଘଣ୍ଟା ପାଇଁ କୌଣସି ଫିସ୍ ଲାଗିବନି, ପରବର୍ତ୍ତୀ ପ୍ରତି ଘଣ୍ଟା (ବା ଏହାର ଅଂଶବିଶେଷ) ପାଇଁ ୫ଟଙ୍କା;

(ଇ) ଡିସ୍କ ବା ଫ୍ଲପି ମାଧ୍ୟମରେ ସୂଚନା ଯଦି ଯୋଗାଇ ଦିଆଯାଉଥାଏ, ତେବେ ପ୍ରତି ଡିସ୍କ ବା ଫ୍ଲପି ପାଇଁ ୫୦ଟଙ୍କା;

(ଏଫ୍) ମୁଦ୍ରିତ ଆକାରର ଯଦି ସୂଚନା ଯୋଗାଇ ଦିଆଯାଉଥାଏ, ତେବେ ସଂପୃକ୍ତ ପ୍ରକାଶନ ପାଇଁ ଧାର୍ଯ୍ୟ ହୋଇଥବା ଦାମ୍ ବା ସଂପୃକ୍ତ ପ୍ରକାଶନରୁ ଉଦ୍ଧୃତାଂଶ କ୍ଷେତ୍ରରେ ପ୍ରତି ପୃଷ୍ଠାର ଜେରକ୍ସ ପିଛା ୨ଟଙ୍କା;

୧୮. ଯଦି ଦରଖାସ୍ତକାରୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀର ବ୍ୟକ୍ତି ହୋଇଥାନ୍ତି, ତେବେ ତାଙ୍କୁ କୌଣସି ଫିସ୍ ଦେବାକୁ ପଡିବ ନାହିଁ । କିନ୍ତୁ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି ତାଙ୍କର ଦାବୀ ସପକ୍ଷରେ ତାଙ୍କୁ ଏକ ପ୍ରମାଣ ଦାଖଲ କରିବାକୁ ପଡିବ । ଯଦି ଗୋଟିଏ ଦରଖାସ୍ତ ସହିତ ଯଥାସ୍ଥିତ ବିହିତ ହୋଇଥିବା ୧୦ଟଙ୍କାର ଫିସ୍ ବା ଦରଖାସ୍ତକାରୀଙ୍କର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସ୍ଥିତି ସପକ୍ଷରେ ପ୍ରମାଣ ସଂଲଗ୍ନ ହୋଇନଥାଏ, ତେବେ ତାହା ଆଇନ୍ ଦୃଷ୍ଟିରେ ଏକ ଉପଯୁକ୍ତ ଦରଖାସ୍ତ ବୋଲି ବିବେଚିତ ହେବନାହିଁ ଏବଂ ତାହା ବଳରେ ଦରଖାସ୍ତକାରୀ ସୂଚନା ପାଇବାକୁ ହକ୍‌ଦାର ବିବଚିତ ହେବେ ନାହିଁ ।

**ଦରଖାସ୍ତର ବିଷୟବସ୍ତୁ ଏବଂ ପ୍ରରୂପ**

୧୯. ସୂଚନା ପାଇଁ ଅନୁରୋଧ କରୁଥିବା ଜଣେ ଦରଖାସ୍ତକାରୀ କାହିଁକି ସେ ସଂପୃକ୍ତ ସୂଚନା ପାଇଁ ଅନୁରୋଧ କରୁଛନ୍ତି, ତହିଁର କାରଣ ଦର୍ଶାଇବା ବା ନିଜ ସମ୍ବନ୍ଧରେ ଅନ୍ୟ କୌଣସି ବ୍ୟକ୍ତିଗତ ବିସ୍ତାରଣୀ ଦେବା ଆବଶ୍ୟକ ନୁହେଁ; କେବଳ ତାଙ୍କୁ ଯୋଗାଯୋଗ କରିବା ପାଇଁ ଯେତିକି ବିବରଣୀ ଦରକାର ତାହା ହିଁ ଯଥେଷ୍ଟ । ଏହାଛଡା, ଆଇନ୍ କିମ୍ବା ନିୟମାବଳୀ ସୂଚନା ପାଇଁ ଆବେଦନ କରିବା ସକାଶେ କୌଣସି ପ୍ରରୂପ (ଫର୍ମାଟ୍) ବିହିତ କରିନାହିଁ । ସୁତରାଂ ସଂପୃକ୍ତ ସୂଚନା ପାଇଁ ଆବେଦନ କରିବାର ଯଥାର୍ଥତା, ବା ବର୍ତ୍ତମାନ ସେ ନିର୍ବାହ କରୁଥିବା କାର୍ଯ୍ୟର ସବିଶେଷ ବିବରଣୀ ସୂଚୀତ କରିବା ବା କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରରୂପରେ ଦରଖାସ୍ତ ଦାଖଲ ପାଇଁ ତାଙ୍କୁ କୁହାଯିବ ନାହିଁ ।

**ଅକାମୀ ଦରଖାସ୍ତ**

୨୦. ଦରଖାସ୍ତ ମିଳିବା ପରେ ପରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ପ୍ରଥମେ ଯାଞ୍ଚ କରିବେ, ଦରଖାସ୍ତକାରୀ ୧୦ଟଙ୍କାର ଦରଖାସ୍ତ ଫିସ୍ ପଇଠ କରିଛନ୍ତି କି ନାହିଁ ଅଥିବା ଦରଖାସ୍ତକାରୀ ଜଣେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (ବି.ପି.ଏଲ୍.) ବ୍ୟକ୍ତି । ଯଦି ଦରଖାସ୍ତ ସହିତ ବିହିତ ହୋଇଥିବା ଫିସ୍ ବା ବି.ପି.ଏଲ୍. ପ୍ରମାଣପତ୍ର ସଂଲଗ୍ନ ହୋଇନଥାଏ, ତେବେ ସୂଚନା ଅଧିକାର ଆଇନ୍ ଅନୁଯାୟୀ ଏହା ଏକ ବିଧିମାନ୍ୟ ଦରଖାସ୍ତ ବୋଲି ବିବେଚିତ ହେବନାହିଁ ଏବଂ ସେହି କାରଣରୁ ଏହାକୁ ଉପେକ୍ଷା କରାଯାଇପାରେ ।

**ଦରଖାସ୍ତର ସ୍ଥାନାନ୍ତର**

୨୧. ଯଦି ଦରଖାସ୍ତ ସହିତ ବିହିତ ଫିସ୍ ଅଥବା ଦାରିଦ୍ର୍ୟ ସୀମାରେଖା ତଳେ ଥିବାର ପ୍ରମାଣପତ୍ର ସଂଲଗ୍ନ ହୋଇଥାଏ, ତେବେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଯାଞ୍ଚ କରିବେ, ସେହି ଦରଖାସ୍ତର ବିଷୟବସ୍ତୁ ବା ଏହାର ଅଂଶବିଶେଷ ଅନ୍ୟ କୋଣସି ଜନ କର୍ତ୍ତୃପକ୍ଷଙ୍କ ସହ ସଂପର୍କୀତ କି ନା । ଯଦି ଦରଖାସ୍ତର ବିଷୟବସ୍ତୁ ଅନ୍ୟ କୋଣସି ଜନ କର୍ତ୍ତୃପକ୍ଷଙ୍କ ସହ ସଂପର୍କୀତ ହୋଇଥାଏ, ତେବେ ତାହାକୁ ସେହି ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ସ୍ଥାନାନ୍ତର କରାଯିବା ଉଚିତ୍ । ଯଦି ଦରଖାସ୍ତର କେବଳ ଗୋଟିଏ ଅଂଶ ଅନ୍ୟ ଏକ ଜନ କର୍ତ୍ତୃପକ୍ଷଙ୍କ ସହ ସଂପର୍କୀତ ହୋଇଥାଏ ତେବେ ଦରଖାସ୍ତର ଏକ ନକଲ ସେହି ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ସ୍ଥାନାନ୍ତର କରାଯିବ ଏବଂ ତତ୍ ସହିତ ଯେଉଁ ଅଂଶ ସେହି ଜନ କର୍ତ୍ତୃପକ୍ଷଙ୍କ ସହ ସଂପର୍କୀତ ସେ ବିଷୟରେ ସ୍ପଷ୍ଟ ଭାବେ ସୁଚାଇ ଦିଆଯିବ । ଦରଖାସ୍ତକୁ ସ୍ଥାନାନ୍ତର କଲାବେଳେ ବା ଏହାର ଏକ ନକଲ ପଠାଇବା ବେଳେ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯିବା ଉଚିତ୍ ଯେ, ଦରଖାସ୍ତ ଫିସ୍ ଗ୍ରହଣ କରାହୋଇଛି । ଦରଖାସ୍ତକାରୀଙ୍କୁ ମଧ୍ୟ ଦରଖାସ୍ତର ସ୍ଥାନାନ୍ତର ଏବଂ ଯେଉଁ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ବା ଏହାର ନକଲକୁ ସ୍ଥାନାନ୍ତର କରାଯାଇଛି, ତାହିଁର ସବିଶେଷ ବିବରଣୀ ବିଷୟରେ ଜଣାଇ ଦେବା ଉଚିତ୍ ।

୨୨. ଯଥାସ୍ଥିତି ଗୋଟିଏ ଦରଖାସ୍ତ ବା ଏହାର ଅଂଶବିଶେଷକୁ ଯଥାଶୀଘ୍ର, ଏବଂ ଯେମିତି ହେଲେ ଦରଖାସ୍ତ ମିଳିବା ତାରିଖର ୫ଦିନ ମଧ୍ୟରେ ସ୍ଥାନାନ୍ତର କରାଯିବା ଉଚିତ୍ । ଯଦି ଜଣେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଦରଖାସ୍ତ ମିଳିବାର ୫ଦିନ ପରେ ଏହାକୁ ସ୍ଥାନାନ୍ତର କରନ୍ତି, ତେବେ ସେ ୫ଦିନ ଠାରୁ ଯେତିକି ଡେରିରେ ଦରଖାସ୍ତ ସ୍ଥାନାନ୍ତର କରିଥିବେ, ଦରଖାସ୍ତ ନିକାଶ କରିବାରେ ସେତିକି ଦିନର ବିଳମ୍ବ ପାଇଁ ଉତ୍ତରଦାୟୀ ରହିବେ ।

୨୩. ଯେଉଁ ଜନ କର୍ତ୍ତୃପକ୍ଷଙ୍କ କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନିକଟକୁ ଦରଖାସ୍ତ ସ୍ଥାନାନ୍ତର କରାଯିବ, ସେ ଏହି କାରଣ ଦର୍ଶାଇ ସ୍ଥାନାନ୍ତରିତ ଦରଖାସ୍ତକୁ ଗ୍ରହଣ କରିବାକୁ ମନା କରିବେ ନାହିଁ ଯେ, ଦରଖାସ୍ତଟି ୫ଦିନ ମଧ୍ୟରେ ସ୍ଥାନାନ୍ତରିତ ହୋଇନାହିଁ ।

୨୪. ଗୋଟିଏ ଜନ କର୍ତ୍ତୃପକ୍ଷ ନିଜେ ଆବଶ୍ୟକ ମନେ କରୁଥିବା ମତେ ଅଧିକ ସଂଖ୍ୟକ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କୁ ପଦନାମିତ କରିପାରନ୍ତି । ଏପରି ମଧ୍ୟ ଘଟିବା ସମ୍ଭବ ଯେ, ଯେଉଁ ଜନ କର୍ତ୍ତୃପକ୍ଷଙ୍କ ଅଧୀନରେ ଏକାଧିକ କେନ୍ଦ୍ରୀୟ ଜନସୂଚନା ଅଧିକାରୀ କାର୍ଯ୍ୟରତ ଥିବେ, ଗୋଟିଏ ଦରଖାସ୍ତ ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ବଦଳରେ ଆଉ ଜଣେ ଜନସୂଚନା ଅଧିକାରୀଙ୍କ ପାଖରେ ପହଞ୍ଚିବ । ଏଭଳି ସ୍ଥିତିରେ, ଯେଉଁ ଜନସୂଚନା ଅଧିକାରୀଙ୍କୁ ଦରଖାସ୍ତଟି ହସ୍ତଗତ ହୋଇଥିବ, ସେ ତୁରନ୍ତ, ଏବଂ ଭଲ ହେବ, ସେହି ଦିନ ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ନିକଟକୁ ଦରଖାସ୍ତ ସ୍ଥାନାନ୍ତର କରିଦେବା ଉଚିତ୍ । ଦରଖାସ୍ତର ସ୍ଥାନାନ୍ତରଣ ପାଇଁ ୫ଦିନର ସମୟ ଅବଧି କେବଳ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଠାରୁ ଆଉ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତର ସ୍ଥାନାନ୍ତରଣ କ୍ଷେତ୍ରରେ ପ୍ରଯୁଜ୍ୟ, କିନ୍ତୁ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ଜଣେ ଜନ ସୂଚନା ଅଧିକାରୀଙ୍କ ଠାରୁ ଆଉ ଜଣଙ୍କ ପାଖକୁ ସ୍ଥାନାନ୍ତରଣ କ୍ଷେତ୍ରରେ ନୁହେଁ ।

**ସୂଚନା ଯୋଗାଣ**

୨୫. ଉତ୍ତର ଦେଉଥିବା କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଏହା ଯାଞ୍ଚ କରିବା ଦରକାର ଯେ, ଆବେଦିତ ସୂଚନା ବା ଏହାର କୌଣସି ଅଂଶ ଆଇନ୍‌ର ଧାରା ୮ ବା ଧାରା ୯ ଅନୁଯାୟୀ ପ୍ରକଟନରୁ ଅବ୍ୟାହତି ପାଇଛି କି ନାହିଁ । ଦରଖାସ୍ତର ଯେଉଁ ଅଂଶ ଏପ୍ରକାର ଅବ୍ୟାହତି ପାଇଛି, ତାହାକୁ ଖାରଜ କରାଯାଇ ପାରେ ଏବଂ ବାକୀ ସୂଚନାକୁ ଯଥାସ୍ଥିତି ତୁରନ୍ତ ବା ଅତିରିକ୍ତ ଫିସ୍ ମିଳିବା ପରେ ଯୋଗାଇ ଦିଆଯିବା ଉଚିତ୍ ।

୨୬. ଯେଉଁ ସ୍ଥଳେ ସୂଚନା ପାଇଁ ଏକ ଦରଖାସ୍ତକୁ ଖାରଜ କରାଯିବ, ସେପରି ସ୍ଥଳେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଦରଖାସ୍ତ କରିଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ ବିଷୟରେ ଅବଗତ କରାଇବେ -

(୧) ଖାରଜର କାରଣମାନ ;

(୨) କେଉଁ ସମୟ-ଅବଧି ଭିତରେ ଏପ୍ରକାର ଖାରଜ ବିରୁଦ୍ଧରେ ଅପିଲ୍ କରିହେବ ;

(୩) ଯେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରିହେବ, ତାଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟାବଳୀ ।

୨୭. ସୂଚନା ଅଧିକାର (ଦେୟ ଏବଂ ଦାମ୍ର ନିୟନ୍ତ୍ରଣ ) ନିୟମାବଳୀ, ୨୦୦୫ ଅନୁଯାୟୀ ଯଦି ଦରଖାସ୍ତକାରୀଙ୍କୁ ଅତିରିକ୍ତ ଫିସ୍ ଦେବାକୁ ପଡିବ, ତେବେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଦରଖାସ୍ତକାରୀଙ୍କୁ ନିମ୍ନୋକ୍ତ ବିଷୟରେ ଜଣାଇବା ଉଚିତ୍ -

(୧) ଯେଉଁ ଅତିରିକ୍ତ ଫିସ୍ ପଇଠ କରିବାକୁ ପଡିବ, ତହିଁର ସବିଶେଷ ବିବରଣୀ ;

(୨) ଯେଉଁ ପରିମାଣର ଫିସ୍ ଦାବୀ କରାଯାଉଛି, ତାହା କେଉଁ ହିସାବ ଅନୁଯାୟୀ ନିର୍ଦ୍ଧାରିତ ହୋଇଛି ;

(୩) ଯେଉଁ ପରିମାଣର ଫିସ୍ ଦାବୀ କରାଯାଉଛି, ତାହା ଉପରେ ଦରଖାସ୍ତକାରୀଙ୍କର ଅପିଲ୍ କରିପାରିବାର ଅଧିକାର ଅଛି;

(୪) ଯେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଏପ୍ରକାର ଅପିଲ୍ କରାଯାଇ ପାରିବ, ତାଙ୍କ ସମ୍ବନ୍ଧରେ ସବିଶେଷ ବିବରଣୀ ; ଏବଂ

(୫) ଯେଉଁ ସମୟ-ସୀମା ଭିତରେ ଏହି ଅପିଲ୍ ଦାଖଲ କରାଯାଇ ପାରିବ ।

## ପୃଥକୀକରଣ କରି ଆଂଶିକ ସୁଚନା ଯୋଗାଇଦେବା

୨୮. ଯେଉଁ ସ୍ଥଳେ ଏଭଳି ଏକ ସୂଚନା ପାଇଁ ଦରଖାସ୍ତ କରାଯାଇଥିବ, ଯାହାର ପ୍ରକଟନକୁ ନିଷିଦ୍ଧ କରାଯାଇଛି ଅଥଚ ଯାହାର ଏକ ଅଂଶବିଶେଷ ନିଷିଦ୍ଧ ନୁହେଁ ତଥା ଏହି ଅଂଶକୁ ଏପରି ପୃଥକ୍ କରିଦେଇହେବ ଯାହା ଫଳରେ ପୃଥକ୍ ହୋଇଥିବା ଅଂଶରେ ନିଷିଦ୍ଧ ସୂଚନା ନଥିବ, ସେପରି ସ୍ଥଳେ ସୂଚନା ବା ଦଲିଲ୍ର ସେହି ଅଂଶକୁ ଦରଖାସ୍ତକାରୀଙ୍କୁ ଯୋଗାଇ ଦିଆଯାଇ ପାରେ । ଏବଂ ଯେଉଁ ସ୍ଥଳେ ଗୋଟିଏ ରେକର୍ଡର ଖଣ୍ଡାଂଶକୁ ଏହି ରୀତିରେ ଯୋଗାଇ ଦେବା ଅନୁମୋଦିତ ହୋଇଥାଏ, ସେପରି ସ୍ଥଳେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଦରଖାସ୍ତକାରୀଙ୍କୁ ଏହା ଜଣାଇବା ଉଚିତ୍ ଯେ, ଆବେଦିତ ସୂଚନା ପ୍ରକଟନରୁ ଅବ୍ୟାହତି ପାଇଛି, ଏବଂ ପୃଥକୀକରଣ କଳାପରେ ସେହି ଅଂଶକୁ ଯୋଗାଇ ଦିଆଯାଉଛି, ଯାହାର ପ୍ରକଟନକୁ ଅବ୍ୟାହତି ଦିଆଯାଇନି । ଏହି ପଦକ୍ଷେପ ନେଲାବେଳେ ସେ ଏପ୍ରକାର ନିଷ୍ପତ୍ତି ପଛରେ ଥିବା ଯୌକ୍ତିକତା ସମ୍ବନ୍ଧରେ ଜଣାଇବେ ଏବଂ ଏହା ସହିତ ଯେଉଁ ସୂତ୍ରକୁ ଭିତ୍ତି କରି ତାଙ୍କର ନିଷ୍କର୍ଷ ଆଧାରିତ ହୋଇଛି, ତହିଁର ସୂଚନା ସମେତ ସମ୍ଭାବ୍ୟ ପ୍ରଶ୍ନ ଉପରେ ପ୍ରାସଙ୍ଗିକ ତଥ୍ୟାବଳୀକୁ ଜଣାଇବେ । ଏଭଳି ସ୍ଥିତିରେ ସୂଚନା ଯୋଗାଇ ଦେବା ପୂର୍ବରୁ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଯଥୋଚିତ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମୋଦନ ହାସଲ କରିବା ଉଚିତ୍ ଏବଂ ଯେଉଁ ବ୍ୟକ୍ତି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେଇଥିବେ, ତାଙ୍କର ନାମ ଓ ପଦବୀ ଦରଖାସ୍ତକାରୀଙ୍କୁ ଜଣାଇବା ଉଚିତ୍ ।

## ସୂଚନା ଯୋଗାଣ ପାଇଁ ସମୟ-ଅବଧି

୨୯. ଆବେଦନ ମିଳିବାର ୩୦ଦିନ ଭିତରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ସୂଚନା ଯୋଗାଇଦେବା ଉଚିତ୍ । ଯେଉଁସ୍ଥଳେ ଆବେଦିତ ସୂଚନା ଜଣେ ବ୍ୟକ୍ତିର ଜୀବନ ବା ସ୍ୱାଧୀନତା ସହ ସଂପର୍କୀତ ହୋଇଥିବ, ସେପରି ସ୍ଥଳେ ଦରଖାସ୍ତ ମିଳିବାର ୪୮ ଘଣ୍ଟା ଭିତରେ ତାହା ଯୋଗାଇ ଦିଆଯିବା ଉଚିତ୍ ।

୩୦. ପ୍ରତି ଜନ କର୍ତ୍ତୃପକ୍ଷ ପ୍ରତି ସବ୍-ଡିଭିଜନ୍ ସ୍ତରରେ ବା ଅନ୍ୟ ଉପ-ଜିଲ୍ଲା ସ୍ତରରେ ଜଣେ ଲେଖା ଅଧିକାରୀଙ୍କୁ ସହକାରୀ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ଭାବେ ପଦନାମିତ କରିବେ, ଯେ କି ଆଇନ୍ ଅଧୀନରେ ଦରଖାସ୍ତ ଅଥବା ଅପିଲ୍ଗୁଡିକୁ ଗ୍ରହଣ କରିବେ ଏବଂ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ବା ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ବା କେନ୍ଦ୍ରୀୟ ସୂଚନା କମିଶନ୍ଙ୍କ ନିକଟକୁ ଅଭିପ୍ରେରଣ କରିବେ । ଯଦି ସହକାରୀ ସି.ପି.ଆଇ.ଓ.ଙ୍କ ମାଧ୍ୟମରେ ସୂଚନା ପାଇଁ ଦରଖାସ୍ତ ମିଳିଥାଏ, ତେବେ ସାଧାରଣ କ୍ଷେତ୍ରରେ ସେହି ଦରଖାସ୍ତ ମିଳିବାର ୩୫ଦିନ ଭିତରେ ସୂଚନା ଯୋଗାଇ ଦିଆଯାଇପାରେ ଏବଂ ଯେଉଁସ୍ଥଳେ ଆବେଦିତ ସୂଚନା ଜଣେ ବ୍ୟକ୍ତିର ଜୀବନ ବା ସ୍ୱାଧୀନତା ସଂପର୍କୀତ ହୋଇଥିବ, ସେପରି ସ୍ଥଳେ ୪୮ ଘଣ୍ଟା ଏବଂ ୫ଦିନ ଭିତରେ ତାହା ଯୋଗାଇ ଦିଆଯାଇପାରେ ।

୩୧. ଯେଉଁ ସ୍ଥଳେ ଅନୁଚ୍ଛେଦ-୨୧ରେ ସୂଚୀତ ହୋଇଥିବା ମତେ ଏକ ଦରଖାସ୍ତ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଠାରୁ ଆଉ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ସ୍ଥାନାନ୍ତରଣ କରାଯାଇଥିବ, ତେବେ ସାଧାରଣ ଭାବେ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ମିଳିବାର ୩୦ଦିନ ଭିତରେ ସେହି ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉତ୍ତର ଦିଆଯିବ ଏବଂ ଯଦି ଆବେଦିତ ସୂଚନା ଜଣେ ବ୍ୟକ୍ତିର ଜୀବନ ବା ସ୍ୱାଧୀନତା ସଂପର୍କୀତ ହୋଇଥିବ, ସେପରି ସ୍ଥଳେ ୪୮ ଘଣ୍ଟା ଭିତରେ ଦିଆଯିବ ।

୩୨. ଆଇନ୍ର ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇଥିବା ଗୁଇନ୍ଦା ଓ ନିରାପତ୍ତା ସଂସ୍ଥାଗୁଡିକର କେନ୍ଦ୍ରୀୟ ଜନସୂଚନା ଅଧିକାରୀମାନେ ଦୁର୍ନୀତି ଏବଂ ମାନବିକ ଅଧିକାର ଉଲ୍ଲଂଘନ ସଂକ୍ରାନ୍ତୀୟ ଅଭିଯୋଗ ଉପରେ ସୂଚନା ପାଇଁ ଦରଖାସ୍ତଗୁଡିକୁ ଗ୍ରହଣ କରିପାରିବେ । ମାନବିକ ଅଧିକାର ଉଲ୍ଲଂଘନ ସଂକ୍ରାନ୍ତୀୟ ଅଭିଯୋଗ ବିଷୟରେ ସୂଚନା, ଯାହାକି କେବଳ କେନ୍ଦ୍ରୀୟ ସୂଚନା କମିଶନ୍ଙ୍କ ଅନୁମୋଦନ ମିଳିବା

ପରେ ଯୋଗାଇ ଦିଆଯିବା କଥା, ତାହାକୁ ଦରଖାସ୍ତ ମିଳିବା ତାରିଖର ୪୫ଦିନ ଭିତରେ ଯୋଗାଇ ଦିଆଯିବା ଉଚିତ୍ । ଦୁର୍ନୀତି ସଂବନ୍ଧୀୟ ଅଭିଯୋଗ ଉପରେ ସୂଚନା ଯୋଗାଇ ଦେବା ପାଇଁ ବିହିତ ହୋଇଥିବା ସମୟ-ସୀମା ଅନ୍ୟାନ୍ୟ କ୍ଷେତ୍ରର ସମୟ-ସୀମା ସହିତ ସମାନ ।

୩୩. ଯେଉଁ ସ୍ଥଳେ ଜଣେ ଦରଖାସ୍ତକାରୀଙ୍କୁ ଅତିରିକ୍ତ ଦେୟ ଦେବା ପାଇଁ କୁହାଯିବ, ସେପରି ସ୍ଥଳେ ଦେୟ ପଇଠ ପାଇଁ ଅବଗତି ପ୍ରେରଣ ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦେୟ ଦାଖଲ ଭିତରେ ଅତିବାହିତ ହୋଇଥିବା ସମୟକୁ ଉତ୍ତର ଦେବାର ସମୟ-ଅବଧି ହିସାବ କଲା ବେଳେ ବାଦ୍ ଦିଆଯିବ । ଭିନ୍ନ ଭିନ୍ନ ପରିସ୍ଥିତିରେ ଦରଖାସ୍ତ ନିକାଶ ପାଇଁ ଯେଉଁ ସର୍ବାଧିକ ସମୟ-ଅବଧି ପ୍ରଯୁଜ୍ୟ, ତାହା ନିମ୍ନୋକ୍ତ ସାରଣୀରେ ସୂଚୀତ ହୋଇଛି -

| କ୍ର.ସଂ. | ସ୍ଥିତି | ଦରଖାସ୍ତ ନିକାଶ ପାଇଁ ସମୟସୀମା |
|---|---|---|
| ୧. | ସାଧାରଣ ସ୍ଥିତିରେ ସୂଚନାର ଯୋଗାଣ । | ୩୦ଦିନ । |
| ୨. | ଯେଉଁସ୍ଥଳେ ଜଣେ ବ୍ୟକ୍ତିର ଜୀବନ ବା ସ୍ୱାଧୀନତା ଜଡିତ, ସେପରି ସ୍ଥଳେ ସୂଚନା ଯୋଗାଣ । | ୪୮ ଘଣ୍ଟା । |
| ୩. | ଯେଉଁସ୍ଥଳେ ଦରଖାସ୍ତ ଅତିରିକ୍ତ ସି.ପି.ଆଇ.ଓ. ମାଧ୍ୟମରେ ଗ୍ରହଣ କରାଯାଇଥିବ, ସେପରି ସ୍ଥଳେ ସୂଚନା ଯୋଗାଣ । | କ୍ର.ସଂ. ୧ ଓ ୨ରେ ସୂଚୀତ ହୋଇଥିବା ସମୟସୀମା ସହ ୫ଦିନ ଯୁକ୍ତ ହେବ । |
| ୪. | ଯେଉଁସ୍ଥଳେ ଦରଖାସ୍ତ ବା ଅନୁରୋଧ ଅନ୍ୟ ଏକ ଜନ କର୍ତ୍ତୃପକ୍ଷଙ୍କ ଠାରୁ ସ୍ଥାନାନ୍ତରିତ ହୋଇ ଆସିଥିବ, ସେପରି ସ୍ଥଳେ ସୂଚନା ଯୋଗାଣ :<br>(ଏ) ସାଧାରଣ ସ୍ଥିତିରେ ।<br>(ବି)ଯଦି ସୂଚନା ଜଣେ ବ୍ୟକ୍ତିର ଜୀବନ ବା ସ୍ୱାଧୀନତା ସହ ଜଡିତ । | (ଏ) ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦରଖାସ୍ତ ଗ୍ରହଣର ୩୦ଦିନ ମଧ୍ୟରେ ।<br>(ବି) ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦରଖାସ୍ତ ଗ୍ରହଣର ୪୮ ଘଣ୍ଟା ଭିତରେ । |
| ୫. | ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇଥିବା ସଂସ୍ଥାମାନଙ୍କ ଦ୍ୱାରା ସୂଚନା ଯୋଗାଣ -<br>(ଏ) ଯଦି ସୂଚନା ମାନବାଧିକାର ଉଲ୍ଲଂଘନ ଉପରେ ଅଭିଯୋଗ ସଂପର୍କୀତ ହୋଇଥିବ ।<br>(ବି) ଯଦି ସୂଚନା ଦୁର୍ନୀତିକୁ ନେଇ ଅଭିଯୋଗ ସଂପର୍କୀତ ହୋଇଥିବ । | (ଏ) ଦରଖାସ୍ତ ମିଳିବାର ୪୫ଦିନ ମଧ୍ୟରେ ।<br>(ବି) ଦରଖାସ୍ତ ମିଳିବାର ୩୦ଦିନ ମଧ୍ୟରେ । |
| ୬. | ଯେଉଁସ୍ଥଳେ ସୂଚନା ୩ୟ ପକ୍ଷ ସହ ସଂପର୍କୀତ ହୋଇଥିବ ଏବଂ ୩ୟ ପକ୍ଷ ଦ୍ୱାରା ଏହା ଗୋପନୀୟ ବୋଲି ବିବେଚିତ ହେଉଥିବ, ସେପରି ସ୍ଥଳେ ସୂଚନା ଯୋଗାଣ । | ଏହି ମାର୍ଗଦର୍ଶୀକାର ଅନୁଚ୍ଛେଦ ୩୭ରୁ ୪୧ ଭିତରେ ସୂଚୀତ ହୋଇଥିବା ପ୍ରକ୍ରିୟାକୁ ଅନୁସରଣ କରାଯାଇ ସୂଚନା ଦିଆଯିବ |
| ୭. | ଯେଉଁ ସ୍ଥଳେ ଦରଖାସ୍ତକାରୀଙ୍କୁ ଅତିରିକ୍ତ ଫିସ୍ ପଇଠ କରିବା ପାଇଁ ଅବଗତ କରାଯାଇଥିବ, ସେପରି ସ୍ଥଳେ ସୂଚନା ଯୋଗାଣ । | ଅତିରିକ୍ତ ଫି ସମ୍ବନ୍ଧରେ ଦରଖାସ୍ତକାରୀଙ୍କୁ ଅବଗତ କରାଇବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଫି ପଇଠ ମଧ୍ୟରେ ଥିବା ସମୟର ବ୍ୟବଧାନକୁ ଉତ୍ତର ଦେବାର ସମୟ-ଅବଧିର ହିସାବ କଲାବେଳେ ବାଦ୍ ଦିଆଯିବ । |

୩୪. ଯଦି ସି.ପି.ଆଇ.ଓ. ବିହିତ ସମୟ-ସୀମା ଭିତରେ ସୂଚନା ପାଇଁ ଆବେଦନ ଉପରେ ନିଜର ନିଷ୍ପତ୍ତି ଜଣାଇବାରେ ବିଫଳ ହୁଅନ୍ତି, ତେବେ ସେ ଏହାକୁ ଖାରଜ କରିଦେଇଛନ୍ତି ବୋଲି ବିବେଚନା କରାଯିବ । ଏହା ସୂଚାଇବା ପ୍ରାସଙ୍ଗିକ ଯେ, ଯଦି ଗୋଟିଏ ଜନ କର୍ତ୍ତୃପକ୍ଷ ବିହିତ ସମୟ-ସୀମାକୁ ପାଳନ କରିବାରେ ବିଫଳ ହୁଅନ୍ତି ତେବେ ସଂପୃକ୍ତ ଦରଖାସ୍ତକାରୀଙ୍କୁ ମାଗଣାରେ ସୂଚନା ଯୋଗାଇ ଦିଆଯିବ ।

**ତୃତୀୟ ପକ୍ଷ ସୂଚନା**

୩୫. ଏହି ଆଇନ୍ ଅଧୀନରେ ତୃତୀୟ ପକ୍ଷ କହିଲେ ସୂଚନା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ଛାଡି ଭିନ୍ନ ଜଣେ ବ୍ୟକ୍ତିଙ୍କୁ ବୁଝାଯିବ । ଯେଉଁ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି, ତାଙ୍କୁ ଛାଡି ଭିନ୍ନ ଗୋଟିଏ ଜନ କର୍ତ୍ତୃପକ୍ଷ ମଧ୍ୟ ତୃତୀୟ ପକ୍ଷର ସଂଜ୍ଞାର ପରିସରଭୁକ୍ତ ହେବେ ।

୩୬.	ଏହା ସୂଚନାଯୋଗ୍ୟ ଯେ, ବାଣିଜ୍ୟିକ ଗୋପନୀୟତା, ବ୍ୟବସାୟିକ ଗୁପ୍ତତଥ୍ୟ ବା ବୌଦ୍ଧିକ ସଂପତ୍ତି, ଯାହାର ପ୍ରକଟନ ଫଳରେ ଗୋଟିଏ ତୃତୀୟ ପକ୍ଷର ପ୍ରତିଯୋଗିତା-ମୂଳକ ସ୍ଥିତି କ୍ଷତିଗ୍ରସ୍ତ ହୋଇପାରେ, ସେସବୁ ସମେତ ସୂଚନାବଳୀକୁ ପ୍ରକଟନରୁ ଅବ୍ୟାହତି ଦିଆଯାଇଛି । ଧାରା ୮(୧-ଡି) ଅନୁଯାୟୀ ଏପ୍ରକାର ସୂଚନା ପ୍ରକଟନ କରାଯିବ ନାହିଁ, କିନ୍ତୁ ଯଦି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କର ହୃଦ୍‌ବୋଧ ହୁଏ ଯେ, ଜନସାର୍ଥର ସାଧନ ଉଦ୍ଦେଶ୍ୟରେ ଉକ୍ତ ସୂଚନାର ପ୍ରକଟନ ଆବଶ୍ୟକ, ତେବେ ତାହାକୁ ପ୍ରକଟନ କରାଯାଇପାରେ ।

୩୭.	ଯେଉଁସ୍ଥଳେ ଜଣେ ଦରଖାସ୍ତକାରୀ ଏଭଳି ଏକ ସୂଚନା ଚାହିଁଥିବେ, ଯାହାକି ଏକ ତୃତୀୟ ପକ୍ଷ ସହିତ ସଂପର୍କୀତ ହୋଇଥିବ ତଥା ସେହି ତୃତୀୟ ପକ୍ଷ ଉକ୍ତ ସୂଚନାକୁ ଗୋପନୀୟ ବୋଲି ବିବେଚନା କରିଥିବେ, ସେହିସ୍ଥଳେ ସୂଚନାଟିକୁ ପ୍ରକଟନ କରାଯିବ କି ନାହିଁ, କେନ୍ଦ୍ରୀୟ ଜନସୂଚନା ଅଧିକାରୀ ତାହା ଉପରେ ବିଚାର କରିବେ । ଏସବୁ କ୍ଷେତ୍ରରେ ଯେଉଁ ମାର୍ଗଦର୍ଶୀ ନୀତିକୁ ଅନୁସରଣ କରାଯିବ, ତାହା ହେଲା, ଆଇନ୍ ଦ୍ୱାରା ସୁରକ୍ଷିତ ଥିବା ବାଣିଜ୍ୟିକ ବା ବ୍ୟବସାୟିକ ଗୁପ୍ତତଥ୍ୟକୁ ଛାଡି ଅନ୍ୟସବୁ ବିଷୟରେ ସୂଚନାର ପ୍ରକଟନକୁ ଅନୁମତି ଦିଆଯାଇପାରେ, ଯଦି ଏଭଳି ପ୍ରକଟନ ଦ୍ୱାରା ଯେଉଁ ଜନସାର୍ଥ ସାଧିତ ହେବ, ତାହାର ଗୁରୁତ୍ୱ ସଂପୃକ୍ତ ତୃତୀୟ ପକ୍ଷ ପ୍ରତି ସମ୍ଭାବ୍ୟ ହାନି ବା କ୍ଷତି ଠାରୁ ଅଧିକ ବୋଲି ମନେହୁଏ । କିନ୍ତୁ ସୂଚନା ପ୍ରକଟନ ପୂର୍ବରୁ ନିମ୍ନୋକ୍ତ ପ୍ରକ୍ରିୟା ଅନୁସୃତ ହେବା ଉଚିତ୍ । ଏହା ଉଲ୍ଲେଖନୀୟ ଯେ, ଏହି ପ୍ରକ୍ରିୟା ସେହିସବୁ ସ୍ଥିତିରେ ଅନୁସୃତ ହେବ, ଯେଉଁଠି ତୃତୀୟ ପକ୍ଷ ସଂପୃକ୍ତ ସୂଚନାକୁ ଗୋପନୀୟ ବୋଲି ବିବେଚନା କରିଥିବେ ।

୩୮.	ଯଦି ସି.ପି.ଆଇ.ଓ. ସଂପୃକ୍ତ ସୂଚନାକୁ ପ୍ରକଟନ କରିବାକୁ ଚାହାଁନ୍ତି, ତେବେ ଦରଖାସ୍ତ ପାଇବାର ୫ଦିନ ଭିତରେ ତୃତୀୟ ପକ୍ଷଙ୍କ ନିକଟକୁ ଏକ ଲିଖିତ ନୋଟିସ୍ ଜରିଆରେ ଜଣାଇବେ ଯେ, ଦରଖାସ୍ତକାରୀ ସୂଚନା ଅଧିକାର ଆଇନ୍ ଅଧୀନରେ ଯେଉଁ ସୂଚନା ମାଗିଛନ୍ତି, ତାହାକୁ ସେ ପ୍ରକଟନ କରିବା ପାଇଁ ଚାହାଁନ୍ତି । ଏହି ସୂଚନାର ପ୍ରକଟନ ହେବା ଉଚିତ୍ କି ନା ସେ ବିଷୟରେ ଯଦି କୌଣସି ବକ୍ତବ୍ୟ ଥାଏ, ତେବେ ତାହାକୁ ଲିଖିତ ବା ମୌଖିକ ଭାବେ ଜଣାଇବା ପାଇଁ ତୃତୀୟ ପକ୍ଷଙ୍କୁ ସେ ଅନୁରୋଧ କରିବେ । ପ୍ରସ୍ତାବିତ ପ୍ରକଟନ ବିରୁଦ୍ଧରେ ନିଜର ବକ୍ତବ୍ୟ ଜଣାଇବା ପାଇଁ ତୃତୀୟ ପକ୍ଷଙ୍କୁ ନୋଟିସ୍ ଗ୍ରହଣ ତାରିଖ ଠାରୁ ୧୦ ଦିନର ସମୟ-ଅବଧି ଦିଆଯିବା ଉଚିତ୍ ।

୩୯.	ତୃତୀୟ ପକ୍ଷ ଦ୍ୱାରା ଦାଖଲ ହୋଇଥିବା ବକ୍ତବ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଜନସୂଚନା ଅଧିକାରୀ ସଂପୃକ୍ତ ସୂଚନାର ପ୍ରକଟନ ଉପରେ ନିଷ୍ପତ୍ତି ନେବା ଉଚିତ୍ । ଏ ପ୍ରକାର ନିଷ୍ପତ୍ତି ସୂଚନା ପାଇଁ ଆବେଦନ ମିଳିବାର ୪୦ଦିନ ଭିତରେ ନିଆଯିବା ଉଚିତ୍ । ନିଜେ ନିଷ୍ପତ୍ତି ନେଲାପରେ ସି.ପି.ଆଇ.ଓ. ଏହା ସମ୍ବନ୍ଧରେ ଏକ ଲିଖିତ ନୋଟିସ୍ ତୃତୀୟ ପକ୍ଷଙ୍କ ନିକଟକୁ ପଠାଇବେ । ତୃତୀୟ ପକ୍ଷଙ୍କ ନିକଟକୁ ପଠାଯାଇଥିବା ନୋଟିସ୍‌ରେ ଏକ ବିବୃତ୍ତି ଅନ୍ତର୍ଭୁକ୍ତ ହୋଇଥିବ, ଯାହାର ଅର୍ଥ ହେଲା, ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ଧାରା ୧୯ ଅଧୀନରେ ଅପିଲ୍ କରିବା ପାଇଁ ତୃତୀୟ ପକ୍ଷ ହକ୍‌ଦାର ଅଟନ୍ତି ।

୪୦.	ତୃତୀୟ ପକ୍ଷ ନୋଟିସ୍ ମିଳିବାର ୩୦ଦିନ ଭିତରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନିଷ୍ପତ୍ତି ବିରୁଦ୍ଧରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ ଦାଖଲ କରିପାରନ୍ତି । ଯଦି ତୃତୀୟ ପକ୍ଷ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ସେ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ଦାଖଲ କରିପାରିବେ ।

୪୧.	ଯଦି ତୃତୀୟ ପକ୍ଷ ସୂଚନାକୁ ପ୍ରକଟନ ପାଇଁ ସି.ପି.ଆଇ.ଓ. ନେଇଥିବା ନିଷ୍ପତ୍ତି ବିରୁଦ୍ଧରେ ତୃତୀୟ ପକ୍ଷ ଅପିଲ୍ କରିଥାନ୍ତି, ତେବେ ସେହି ଅପିଲ୍‌ର ଫଇସଲା ନ ହେବା ଯାଏ ସଂପୃକ୍ତ ସୂଚନାକୁ ପ୍ରକଟନ କରାଯିବ ନାହିଁ ।

**ଅପିଲ୍ ଓ ଅଭିଯୋଗ**

୪୨.	ଯଦି ଜଣେ ଦରଖାସ୍ତକାରୀଙ୍କୁ ବିହିତ ସମୟ-ସୀମା ଭିତରେ ସୂଚନା ନମିଳେ ବା ତାଙ୍କୁ ମିଳିଥିବା ସୂଚନା ଉପରେ ସେ ସନ୍ତୁଷ୍ଟ ନୁହଁନ୍ତି, ସେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ ଦାଖଲ କରିପାରନ୍ତି, ଯେ କି ସି.ପି.ଆଇ.ଓ.ଙ୍କ ଠାରୁ ପଦବୀ ଦୃଷ୍ଟିରୁ ବରିଷ୍ଠ ହୋଇଥିବେ । ଯେଉଁ ତାରିଖରେ ସୂଚନା ଯୋଗାଣର ସମୟ-ସୀମା ଶେଷ ହେଉଥିବ ଅଥବା ଯେଉଁ ତାରିଖରେ ସି.ପି.ଆଇ.ଓ.ଙ୍କ ନିଷ୍ପତ୍ତି ମିଳିଥିବ, ତହିଁର ୩୦ଦିନ ସମୟ-ଅବଧି ଭିତରେ ଏ ପ୍ରକାର ଅପିଲ୍ ଦାଖଲ କରାଯାଇପାରିବ । ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଅପିଲ୍ କର୍ତ୍ତୃପକ୍ଷ ଅପିଲ୍ ଦାଖଲର ୩୦ ଦିନ ଭିତରେ, ନଚେତ୍, କେବଳ ଅସାଧାରଣ କ୍ଷେତ୍ରରେ ୪୫ ଦିନ ଭିତରେ ଅପିଲ୍‌କୁ ଫଇସଲା କରିବେ ବୋଲି ଆଶା କରାଯାଏ । ଯଦି ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ବିହିତ ସମୟ-ସୀମା ଭିତରେ ଅପିଲ୍ ଉପରେ ନିଜର ଆଦେଶ ଦେବା ପାଇଁ ବିଫଳ ହୁଅନ୍ତି, ଅଥବା ଅପିଲ୍‌କର୍ତ୍ତା ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ଆଦେଶ ଉପରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ସେ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ଦାଖଲ କରିପାରିବେ ଏବଂ ଯେଉଁ ତାରିଖ ସୁଦ୍ଧା ଅପିଲ୍‌କର୍ତ୍ତାଙ୍କୁ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ମିଳିବା କଥା ଅଥବା ଯେଉଁ ତାରିଖରେ ଏହା ପ୍ରକୃତରେ ମିଳିଛି, ତହିଁର ୯୦ଦିନ ଭିତରେ ଅପିଲ୍‌କର୍ତ୍ତା କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରିପାରନ୍ତି ।

୪୩. ଯେଉଁ ସ୍ଥଳେ ଜଣେ ବ୍ୟକ୍ତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କ ନିକଟରେ ନିଜର ଆବେଦନ ଜଣାଇବାକୁ ବ୍ୟର୍ଥ ହୋଇଛନ୍ତି, କାରଣ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏତାଦୃଶ ଅଧିକାରୀ ନିଯୁକ୍ତ ହୋଇ ନାହାନ୍ତି; ଅଥବା ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ଅପିଲ୍ କର୍ତ୍ତୃପକ୍ଷ, ଯାହାଙ୍କ ପାଖକୁ ଦରଖାସ୍ତ ବା ଅପିଲ୍ ଅଭିପ୍ରେରଣ କରାଯିବା କଥା ତାକୁ ଗ୍ରହଣ କରିବା ପାଇଁ ସହକାରୀ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ମନା କରି ଦେଇଛନ୍ତି ; ଅଥବା ସୂଚନା ଅଧିକାର ଆଇନ୍ ଅଧୀନରେ ଜଣେ ବ୍ୟକ୍ତି ଚାହିଁଥିବା ସୂଚନାକୁ ହାସଲ କରିବା ପାଇଁ ତାଙ୍କୁ ମନା କରାଯାଇଛି; ଅଥବା ସୂଚନା ହାସଲ ପାଇଁ ଅନୁରୋଧ କରିଥିବା ବ୍ୟକ୍ତିଙ୍କୁ ଏହି ଆଇନ୍‌ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ-ସୀମା ମଧ୍ୟରେ

କୌଣସି ଉତ୍ତର ଦିଆଯାଇନି; ଅଥବା ଏଭଳି ଫିସ୍ ଦେବାକୁ ପଡିବ ବୋଲି କୁହାଯାଇଛି, ଯାହାକି ତାଙ୍କ ମତରେ ଅଯଥାର୍ଥ; ଅଥିବା ତାଙ୍କୁ ଦିଆଯାଇଥିବା ସୂଚନା ତାଙ୍କ ମତରେ ଅସଂପୂର୍ଣ୍ଣ, ବିଭ୍ରାନ୍ତିକର ବା ମିଥ୍ୟା, ତେବେ ସେ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିପାରିବେ ।

**ଦଣ୍ଡ ବ୍ୟବସ୍ଥା**

୪୪. ଉପରେ ସୂଚୀତ ହୋଇସାରିଛି, ଏହି ଆଇନ୍ ଅଧୀନରେ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ନିକଟରେ ଅପିଲ୍ ତଥା ଅଭିଯୋଗ ଦାଖଲ କରିବା ପାଇଁ ଜଣେ ଦରଖାସ୍ତକାରୀଙ୍କର ଅଧିକାର ରହିଛି । ଯଦି କେନ୍ଦ୍ରୀୟ ସୂଚନା କମିଶନ୍ ଏକ ଅଭିଯୋଗ ବା ଅପିଲ୍‌କୁ ଫଇସଲା କଲାବେଳେ ମନେ କରନ୍ତି ଯେ, କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ କୌଣସି ଯଥାର୍ଥ କାରଣ ନଥାଇ ସୂଚନା ପାଇଁ ଦରଖାସ୍ତକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି ବା ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ମଧ୍ୟରେ ସୂଚନା ପ୍ରଦାନ କରିନାହାନ୍ତି ବା ମନ୍ଦୁଦ୍ଦେଶ୍ୟ ରଖି ଦରଖାସ୍ତଟିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବା ଜାଣିଶୁଣି ଭୁଲ୍, ଅସଂପୂର୍ଣ୍ଣ ବା ବିଭ୍ରାନ୍ତିକର ସୂଚନା ଦେଇଛନ୍ତି ବା ଆବେଦିତ ବିଷୟ ସମ୍ବନ୍ଧରେ ସୂଚନାକୁ ଧ୍ୱଂସ କରି ଦେଇଛନ୍ତି ବା ସୂଚନା-ପ୍ରଦାନକୁ କୌଣସି ନା କୌଣସି ଉପାୟରେ ବାଧାଗ୍ରସ୍ଥ କରିଛନ୍ତି, ତେବେ ସଂପୃକ୍ତ ଆବେଦନକୁ ଗ୍ରହଣ କରିବା ଯାଏଁ ବା ଆବେଦିତ ସୂଚନାକୁ ପ୍ରଦାନ କରିବା ଯାଏଁ ପ୍ରତିଦିନ ପାଇଁ ଦୁଇଶହ ପଚାଶ ଟଙ୍କା ହିସାବରେ ଜୋରିମାନା କମିଶନ୍ ଲାଗୁ କରିବେ, କିନ୍ତୁ ମୋଟ ଜୋରିମାନା ପରିମାଣ ପଚିଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବାନାହିଁ । କିନ୍ତୁ, କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କ ଉପରେ ଦଣ୍ଡ ଲାଗୁ କରିବା ପୂର୍ବରୁ ତାଙ୍କୁ ନିଜର ବକ୍ତବ୍ୟ ପେଶ୍ କରିବା ପାଇଁ ଯଥୋଚିତ ସୁଯୋଗ ଦିଆଯିବ । ନିଜେ ଯଥୋଚିତ ରୀତିରେ ଏବଂ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ କରିଛନ୍ତି ବୋଲି ଏବଂ ଗୋଟିଏ ଦରଖାସ୍ତର ଖାରଜ କରିଥିଲେ ଏପରି ଖାରଜ ଯୁକ୍ତିଯୁକ୍ତ ଥିଲା ବୋଲି ଦର୍ଶାଇବାର ପ୍ରମାଣ ଭାର କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ ।

**ସି.ପି.ଆଇ.ଓ.ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ**

୪୫. ଯଦି କେନ୍ଦ୍ରୀୟ ସୂଚନା କମିଶନ୍ ଏକ ଅଭିଯୋଗ ବା ଅପିଲ୍‌କୁ ଫଇସଲା କଲାବେଳେ ମନେ କରନ୍ତି ଯେ, କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ଯଥାର୍ଥ କାରଣ ନଥାଇ ଲଗାତାର ଭାବେ ସୂଚନା ପାଇଁ ଦରଖାସ୍ତକୁ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି ବା ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ମଧ୍ୟରେ ସୂଚନା ପ୍ରଦାନ କରିନାହାନ୍ତି ବା ମନ୍ଦୁଦ୍ଦେଶ୍ୟ ରଖି ଦରଖାସ୍ତଟିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବା ଜାଣିଶୁଣି ଭୁଲ୍, ଅସଂପୂର୍ଣ୍ଣ ବା ବିଭ୍ରାନ୍ତିକର ସୂଚନା ଦେଇଛନ୍ତି ବା ଆବେଦିତ ବିଷୟ ସମ୍ବନ୍ଧରେ ସୂଚନାକୁ ଧ୍ୱଂସ କରିଦେଇଛନ୍ତି ବା କୌଣସି ନା କୌଣସି ଉପାୟରେ ସୂଚନା-ପ୍ରାପ୍ତିକୁ ବାଧାଗ୍ରସ୍ଥ କରିଛନ୍ତି, ତେବେ କମିଶନ୍ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କ ବିରୁଦ୍ଧରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ସୁପାରିଶ୍ କରିପାରନ୍ତି ।

**ସଦ୍‌ବିଶ୍ୱାସରେ ସମ୍ପାଦିତ କାର୍ଯ୍ୟକୁ ସରକ୍ଷା ପ୍ରଦାନ**

୪୬. ଆଇନ୍‌ର ଧାରା ୨୧ କହିଛି ଯେ, ଯଦି ଜଣେ ବ୍ୟକ୍ତି ଏହି ଆଇନ୍ ବା ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ସଦ୍‌ବିଶ୍ୱାସ ସହକାରେ କୌଣସି ପଦକ୍ଷେପ ଗ୍ରହଣ କରିଥାନ୍ତି। ବା ଗ୍ରହଣ କରିବାକୁ ମନସ୍ଥ କରିଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ କୌଣସି ପ୍ରକାର ମକଦ୍ଦମା, ଅଭିଯୋଜନ ବା ଅନ୍ୟ ଆଇନ୍‌ଗତ କାର୍ଯ୍ୟବିଧି ଆରମ୍ଭ କରାଯାଇ ପାରିବ ନାହିଁ । କିନ୍ତୁ ସି.ପି.ଆଇ.ଓ. ମନେ ରଖିବା ଉଚିତ୍ ଯେ, ସେ ଯେ ସଦବିଶ୍ୱାସରେ କାର୍ଯ୍ୟ କରିଛନ୍ତି, ତହିଁର ପ୍ରମାଣର ଦାୟିତ୍ୱ ତାଙ୍କୁ ମୁଣ୍ଡେଇବାକୁ ପଡିବ ।

**କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ବାର୍ଷିକ ବିବରଣୀ**

୪୭. ପ୍ରତିବର୍ଷ ସୂଚନା ଅଧିକାର ଆଇନ୍‌ର ବ୍ୟବସ୍ଥାଗୁଡିକର କାର୍ଯ୍ୟକାରିତା ଉପରେ ଏକ ରିପୋର୍ଟ କେନ୍ଦ୍ରୀୟ ସୂଚନା କମିଶନ୍ ପ୍ରସ୍ତୁତ କରିବେ ଏବଂ ଏହି ରିପୋର୍ଟ ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ । ପ୍ରତି ରିପୋର୍ଟ ଅନ୍ୟାନ୍ୟ ବିଷୟବସ୍ତୁ ସହିତ ଏହିସବୁ ତଥ୍ୟାବଳୀ ବହନ କରିବ, ଯଥା ପ୍ରତି ଜନ କର୍ତ୍ତୃପକ୍ଷଙ୍କ ପାଖରେ ଦାଖଲ ହୋଇଥିବା ଦରଖାସ୍ତ ସଂଖ୍ୟା; ଯେଉଁସବୁ କ୍ଷେତ୍ରରେ ଦରଖାସ୍ତକାରୀଙ୍କୁ ଆବେଦିତ ଦଲିଲ୍ ହାସଲ କରିବା ପାଇଁ ଯୋଗ୍ୟ ବିବେଚିତ କରାଯାଇନି ସେଗୁଡିକର ସଂଖ୍ୟା, ଏହି ଆଇନ୍‌ର କେଉଁ ଧାରାଗୁଡିକ ବଳରେ ଏପରି ନିଷ୍ପତ୍ତିମାନ ନିଆଯାଇଛି, ଏବଂ ଏହିସବୁ ଧାରାଗୁଡିକ କେତେଥର ପ୍ରୟୋଗ କରାଯାଇଛି; ତଥା ଏହି ଆଇନ୍ ଅଧୀନରେ ପ୍ରତି ଜନ କର୍ତ୍ତୃପକ୍ଷ ସଂଗ୍ରହ କରିଥିବା ଦେୟରାଶିର ପରିମାଣ । ପ୍ରତି ମନ୍ତ୍ରଣାଳୟ/ବିଭାଗ ନିଜ ପ୍ରଭାବକ୍ଷେତ୍ର ଅଧୀନରେ ଥିବା ସମସ୍ତ ଜନ କର୍ତ୍ତୃପକ୍ଷଙ୍କ ନିକଟରୁ ଉପରୋକ୍ତ ସୂଚନାବଳୀ ସଂଗ୍ରହ କରି କମିଶନ୍‌ଙ୍କ ନିକଟକୁ ପଠାଇବେ । ସି.ପି.ଆଇ.ଓ. ମାନେ ଏହିସବୁ ବିଷୟରେ ଆବଶ୍ୟକୀୟ ସୂଚନାବଳୀକୁ ସାଇତି ରଖିଥିବେ, ଯାହା ଫଳରେ ଗୋଟିଏ ବର୍ଷ ଶେଷ ହେବା କ୍ଷଣି ସେସବୁକୁ ସେମାନଙ୍କର ପ୍ରଶାସନିକ ମନ୍ତ୍ରଣାଳୟ/ବିଭାଗ ମାନଙ୍କ ନିକଟକୁ ଖୁବ୍ ଶୀଘ୍ର ଯୋଗଇ ଦିଆଯାଇ ପାରିବ, ଏବଂ ତା'ପରେ ମନ୍ତ୍ରଣାଳୟ/ବିଭାଗମାନେ ସେସବୁକୁ କମିଶନ୍‌ଙ୍କ ନିକଟକୁ ପଠାଇ ପାରିବେ ।